# NATIONAL NEWS BULLETIN (ODIA)

## 18th April - 2024

## Evening Bulletin : 7.15 p.m.

*********************************

ଆକାଶବାଣୀ.....   ସମ୍ବାଦ ପଢୁଛନ୍ତି.....   **ବିରଞ୍ଚି ନାରାୟଣ ସେଠୀ**

## ମୁଖ୍ୟ ସମ୍ବାଦ

- ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ମତଦାନ ହେବ ।
- କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି, ବିଜେପି କୃଷିଜାତ ପଦାର୍ଥର ମୂଲ୍ୟକୁ କୃଷକମାନଙ୍କ ବିରୁଦ୍ଧରେ ଅସ୍ତ୍ର ଭାବେ ବ୍ୟବହାର କରୁଛି ।
- ତେଲେଙ୍ଗାନାରେ ମେ' ମାସ ୧୩ ତାରିଖର ଲୋକସଭା ନିର୍ବାଚନ ପାଇଁ ଆଜି ସକାଳୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ।
- ନେସ୍‌ଲେ ଶିଶୁମାନଙ୍କ ଦୁଧରେ ଚିନି ମିଶାଉଥିବାର ଅଭିଯୋଗକୁ ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ ପରୀକ୍ଷାନୀରିକ୍ଷା କରୁଛି ।

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗ୍‌ସ୍ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ ।

# ଜେନେରାଲ ଇଲେକ୍‌ସନ୍‌-ଫାଷ୍ଟ ଫେଜ୍‌

ଆସନ୍ତାକାଲି ପ୍ରଥମ ପର୍ଯ୍ୟାୟ ଲୋକସଭା ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଏହି ପର୍ଯ୍ୟାୟରେ  ମୋଟ୍‌ ୧୦୨ଟି ଆସନରେ ମତଦାନ ହେବ । ତାହା ମଧ୍ୟରୁ ୧୧ଟି ଆସନ ଅନୁସୂଚିତ ଉପଜାତି ବର୍ଗ ଓ ୧୮ଟି ଆସନ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି । ୧୭ଟି ରାଜ୍ୟ ଓ ୪ଟି କେନ୍ଦ୍ରଶାସିତ ଅଞ୍ଚଳରେ ଆସନ୍ତାକାଲି ମତଦାନ ହେବ । ସେଗୁଡ଼ିକ ମଧ୍ୟରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ବିହାର, ଆସାମ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ରାଜସ୍ଥାନ, ତାମିଲନାଡୁ, ଉତ୍ତରାଖଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ମେଘାଳୟ ରହିଛି । ବିଜେପି ନେତା ତଥା କେନ୍ଦ୍ରମନ୍ତ୍ରୀ ନୀତିନ ଗଡକରୀ, ସର୍ବାନନ୍ଦ ସୋନଓ୍ୱାଲ୍‌, କିରଣ ରିଜିଜୁ, ଜୀତେନ୍ଦ୍ର ସିଂହ, ସଞ୍ଜୀବ ବଲିୟାଁ ବିଜେପି ନେତା ତାମିଲ୍‌ସାଇ ସୁନ୍ଦରରାଜନ୍‌ ଜିତିନ୍‌ ପ୍ରସାଦ, କଂଗ୍ରେସ ନେତା ଗୌରବ ଗୋଗୋଇ, କାର୍ତ୍ତି ଚିଦାମ୍ବରମ୍‌, ନକୁଳ ନାଥ, ଡିଏମ୍‌କେ ନେତା ଦୟାନିଧି ମାରାନ୍‌ଙ୍କର ଆସନ୍ତାକାଲିର ନିର୍ବାଚନରେ ଭାଗ୍ୟ ନିର୍ଦ୍ଧାରିତ ହେବ । ଏହି ପର୍ଯ୍ୟାୟରେ ୧୬ ଶହ ୨୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି ।

ମତଦାନ ସକାଳ ୭ଟାରେ ଆରମ୍ଭ ହେବ । ଏହି ପର୍ଯ୍ୟାୟରେ ୧୬ କୋଟି ୬୩ ଲକ୍ଷ ମତଦାତା ୧ ଲକ୍ଷ ୬୩ ହଜାର ମତଦାନ କେନ୍ଦ୍ରରେ

ଭୋଟ୍ ଦେବେ । ମୋଟ୍ ଭୋଟରଙ୍କ ମଧ୍ୟରେ ୮ କୋଟି ୪୦ ଲକ୍ଷ ପୁରୁଷ ଥିବାବେଳେ ୮ କୋଟି ୨୩ ଲକ୍ଷ ମହିଳା ଓ ୧୧ ହଜାର କ୍ଲିବ ଭୋଟର ଅଛନ୍ତି । ପ୍ରଥମ ଥର ପାଇଁ ମତଦାନ କରୁଥିବା ୩୬ ଲକ୍ଷ ଯୁବା ଭୋଟର ଆସନ୍ତାକାଲି ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ । ଏହି ପର୍ଯ୍ୟାୟରେ ୮୫ ବର୍ଷରୁ ଅଧିକ ବୟସର ୧୪ ଲକ୍ଷ ଭୋଟର ଓ ୧୪ ଲକ୍ଷ ଦିବ୍ୟାଙ୍ଗ ଭୋଟରଙ୍କୁ ଘରୁ ମତଦାନ କରିବାର ବିକଳ୍ପ ଦିଆଯାଇଛି ।

ଆମ ସମ୍ବାଦଦାତା ଜଣାଇଛନ୍ତି, ପ୍ରତ୍ୟେକ ମତଦାତା ସହଜରେ ଆସି ମତଦାନ କରିବା ପାଇଁ ନିର୍ବାଚନ କମିଶନ ଜଳ, ଆଶ୍ରୟସ୍ଥଳି, ଶୌଚାଳୟ, ରାମ୍ପ, ସ୍ୱେଚ୍ଛାସେବୀ, ହ୍ୱିଲ୍‌ଚେୟାର ଓ ବିଦ୍ୟୁତ୍ ଭଳି ମୌଳିକ ସୁବିଧା ଯୋଗାଇଛି । ଭୋଟ୍‌ଗ୍ରହଣ କାରୀ ଅଫିସର ଓ ନିରାପତ୍ତା ବାହିନୀ ଯବାନ୍‌ମାନଙ୍କ ମୁତୟନ ପାଇଁ ୪୧ଟି ହେଲିକପ୍ଟର, ୮୪ଟି ସ୍ୱତନ୍ତ୍ର ଟ୍ରେନ୍ ଓ ୧ ଲକ୍ଷ ଗାଡି ମୁତୟନ କରାଯାଇଛି । ନିର୍ବାଚନ ପ୍ରକ୍ରିୟା ଉପରେ ନଜର ରଖିବାକୁ ବିଭିନ୍ନ ସ୍ଥାନରେ ୩୬୧ ଜଣ ପର୍ଯ୍ୟବେକ୍ଷକ ମୁତୟନ ହୋଇଛନ୍ତି ।

୪ ହଜାରରୁ ଅଧିକ ଫ୍ଲାଇଙ୍ଗ୍‌ସ୍କ୍ୱାଡ୍, ୫ ହଜାରରୁ ଅଧିକ ପରିସଂଖ୍ୟାନ ତଦାରଖ ଟିମ୍ ଓ ୨ ହଜାର ଭିଡିଓ ତଦାରଖ ଟିମ୍ ଅହରହ ନଜର ରଖିବେ । ଶତକଡା ୫୦ ଭାଗ ଭୋଟଗ୍ରହଣ କେନ୍ଦ୍ରରେ ୱେବ୍‌କାଷ୍ଟିଂ

କରାଯିବ। ସମସ୍ତ ଭୋଟଗ୍ରହଣ କେନ୍ଦ୍ରରେ କ୍ଷୁଦ୍ର ପର୍ଯ୍ୟବେକ୍ଷକମାନେ ମୁତୟନ ହେବେ। ୧ ହଜାର ୩୦୦ ଆନ୍ତଃରାଜ୍ୟ ସୀମାନ୍ତଘାଟି ଓ ୧୬୨ଟି ଆନ୍ତର୍ଜାତିକ ସୀମାନ୍ତଘାଟି ଉପରେ କଡା ନଜର ରଖାଯାଇଛି। ମାଦକଦ୍ରବ୍ୟ, ନିଶାଦ୍ରବ୍ୟ, ଟଙ୍କା ଓ ଉପହାର ସାମଗ୍ରୀଗୁଡ଼ିକର ଚାଲାଣ ଉପରେ ନଜର ରଖାଯାଇଛି। ସମୁଦ୍ରପଥ ଓ ଆକାଶପଥରେ ମଧ୍ୟ କଡା ପହରା ଦିଆଯାଇଛି।

## ରାହୁଲ-କେରଳ ରାଲି

କଂଗ୍ରେସ ନେତା ରାହୁଲ ଗାନ୍ଧି କହିଛନ୍ତି, ବିଜେପି କୃଷିଜାତ ପଦାର୍ଥର ମୂଲ୍ୟକୁ କୃଷକମାନଙ୍କ ବିରୁଦ୍ଧରେ ଅସ୍ତ୍ର ଭାବେ ବ୍ୟବହାର କରୁଛି। କେରଳର କନଉର୍‌ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, କେନ୍ଦ୍ର ସରକାର ରପ୍ତାନୀ-ଆମଦାନୀ ନୀତିରେ ପରିବର୍ତ୍ତନ କରିଛନ୍ତି, ଯାହା କୃଷକମାନଙ୍କୁ ଉଚିତ ମୂଲ୍ୟ ପାଇବାରୁ ବଂଚିତ କରୁଛି। ସେ କହିଛନ୍ତି, ବିଜେପି ବିଭିନ୍ନ ସରକାରୀ ଅନୁଷ୍ଠାନକୁ କରାୟତ କରି ବିରୋଧୀ ଦଳ ଗୁଡ଼ିକ ବିରୁଦ୍ଧରେ ସେଗୁଡ଼ିକୁ ରାଜନୈତିକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ଶ୍ରୀ ଗାନ୍ଧି କହିଛନ୍ତି, କ୍ଷୁଦ୍ର ଓ ମଧ୍ୟମ ବ୍ୟବସାୟ କ୍ଷେତ୍ର ପାଖରେ ବ୍ୟାଙ୍କ୍ ଅର୍ଥ ପହଞ୍ଚିପାରୁ ନଥିବାରୁ ସେଗୁଡ଼ିକର ବିକାଶ ହୋଇପାରୁ ନାହିଁ।

ସେ କହିଛନ୍ତି, କଂଗ୍ରେସ୍ କ୍ଷମତାକୁ ଆସିଲେ ଗରିବ ମହିଳାମାନଙ୍କୁ ମାସିକ ୮ ହଜାର ୫୦୦ ଟଙ୍କା ଦିଆଯିବ। ଏହି ଅର୍ଥ ସେମାନେ ଘରେ କରୁଥିବା କାମ ପାଇଁ ମିଳିବ। ମହିଳାମାନଙ୍କୁ ଚାକିରିରେ ଶତକଡା ୫୦ ଭାଗ ସଂରକ୍ଷଣ ଯୋଗାଇଦେବାକୁ ଏକ ବିଲ୍ ଅଣାଯିବ। ଶ୍ରୀ ଗାନ୍ଧି କହିଛନ୍ତି, ଆପ୍ରେଣ୍ଟିସସିପ୍ ବିଲ୍ ଅଣାଯିବ ଓ କୃଷକମାନଙ୍କୁ ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ।

## ମମତା ବାନାର୍ଜୀ କ୍ୟାମ୍ପେନ୍

ତୃଣମୂଳ କଂଗ୍ରେସ୍ ମୁଖ୍ୟ ମମତା ବାନାର୍ଜୀ ଉତ୍ତର ଦିନାଜପୁରର ଇସ୍‌ଲାମପୁରଠାରେ ଏକ ନିର୍ବାଚନ ରାଲିରେ ଉଦ୍‌ବୋଧନ ଦେଇ ବିଜେପି ତୃଣମୂଳ କଂଗ୍ରେସ ବିରୁଦ୍ଧରେ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକର ଅପବ୍ୟବହାର କରୁଥିବା ବିଷୟ ଅଭିଯୋଗ କରିଛନ୍ତି। ସେ ପାର୍ଟି ପ୍ରାର୍ଥୀ କ୍ରିଷ୍ଣାକଲ୍ୟାଣୀଙ୍କ ସମର୍ଥନରେ ପ୍ରଚାର କରିଥିଲେ। କ୍ରିଷ୍ଣାକଲ୍ୟାଣୀ ରାୟଗଞ୍ଜ ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦିତା କରୁଛନ୍ତି। ଲୋକସଭା ନିର୍ବାଚନରେ ବିଜେପି ୨୦୦ ଆସନରୁ ଉପରକୁ ଯିବ ନାହିଁ ବୋଲି ସେ କହିଛନ୍ତି। ବିଜେପି ଲୋକମାନଙ୍କୁ ବିଭ୍ରାନ୍ତ କରୁଥିବାର ସେ ଦୋଷାରୋପ କରିଛନ୍ତି।

## ଶୁଭେନ୍ଦୁ କ୍ୟାମ୍ପେନ୍

ବିଜେପି ନେତା ଶୁଭେନ୍ଦୁ ଅଧିକାରୀ କହିଛନ୍ତି, ତୃଣମୂଳ କଂଗ୍ରେସ ଏକ ଆଂଚଳିକ ଦଳ ହୋଇଥିବାରୁ କେନ୍ଦ୍ରରେ ସରକାର ଗଠନ କରିବାକୁ ଏହାର

କୌଣସି ଭିତ୍ତିଭୂମି ନାହିଁ। ଉତ୍ତର-ଦିନାଜପୁରର ହେମ୍‌ତାବାଦଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି, ଜନସାଧାରଣ କଂଗ୍ରେସ ଓ ବାମପନ୍ଥୀ ସାମୁଖ୍ୟକୁ ପ୍ରତ୍ୟାଖ୍ୟାନ କରିସାରିଛନ୍ତି। ରାୟଗଞ୍ଜରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା କାର୍ତ୍ତିକ ଚନ୍ଦ୍ର ପାଲ୍‌ଙ୍କ ସମର୍ଥନରେ ସେ ପ୍ରଚାର କରିଛନ୍ତି। ରାୟଗଂଜରେ ୨୬ ତାରିଖରେ ମତଦାନ ହେବ।

## ଆସାମ ଫାଷ୍ଟ ଫେଜ୍ ପୋଲ୍

ଆସାମ୍‌ରେ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଆସନ୍ତାକାଲି ସକାଳ ୭ଟାରେ ମତଦାନ ଆରମ୍ଭ ହେବ। ମୋଟ୍ ୩୫ ଜଣ ପ୍ରାର୍ଥୀ ଏହି ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ଜୋର୍‌ହାଟ, ଦିବ୍ରୁଗଡ଼, ଲକ୍ଷ୍ମୀପୁର, ସୋନିତ୍‌ପୁର ଓ କାଜିରଙ୍ଗା ଲୋକସଭା ଆସନରେ ୮୬ ଲକ୍ଷ ମତଦାତା ସେମାନଙ୍କର ମତଦାନ ଅଧିକାର ସାବ୍ୟସ୍ତ କରିବେ। ସେହି ଆସନ ଗୁଡ଼ିକରେ କଂଗ୍ରେସ ଓ ଆସାମ ୟୁନାଇଟେଡ୍ ଅପୋଜିସନ୍ ଫୋରମ୍ ମଧ୍ୟରେ ସିଧାସଳଖ ପ୍ରତିଦ୍ୱନ୍ଦିତା ହେବ। ବହୁ ବଡ଼ ବଡ଼ ପ୍ରାର୍ଥୀମାନଙ୍କର ରାଜନୈତିକ ଭାଗ୍ୟ ଏହି ପର୍ଯ୍ୟାୟରେ ନିର୍ଦ୍ଧାରିତ ହେବ। କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନଓ୍ୱାଲ୍ ବିଜେପି ସାଂସଦ ପ୍ରଦାନ ବରୁଆ ଓ କାମାକ୍ଷା ପ୍ରସାଦ ତାସା, କଂଗ୍ରେସ୍ ସାଂସଦ ଗୌରବ ଗୋଗୋଇ ଏବଂ ଆସାମ ଜାତୀୟ ପରିଷଦ ସଭାପତି ଲୁରିନ୍ ଜ୍ୟୋତି ଗୋଗୋଇ  ଏହି ପର୍ଯ୍ୟାୟରେ ପ୍ରତିଦ୍ୱନ୍ଦିତା କରୁଛନ୍ତି।

## ତେଲେଙ୍ଗାନା ନୋମିନେସନ୍ସ

ତେଲେଙ୍ଗାନାରେ ମେ' ମାସ ୧୩ ତାରିଖର ଲୋକସଭା ନିର୍ବାଚନ ପାଇଁ ଆଜି ସକାଳୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି । ୧୭ଟି ଲୋକସଭା ଆସନ ଓ ଗୋଟିଏ ବିଧାନସଭା ଉପନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି । ଆସନ୍ତା ୨୫ ତାରିଖରେ ପ୍ରାର୍ଥୀପତ୍ର ଦାଖଲ ଶେଷ ହେବ ।

ପୂର୍ବତନ ମନ୍ତ୍ରୀ ତଥା ବିଜେପି ନେତା ଇ.ରାଜେନ୍ଦ୍ର ଓ ପୂର୍ବତନ ବିଧାୟକ ରଘୁନନ୍ଦନ ରାଓଙ୍କ ସମେତ ବହୁ ପ୍ରାର୍ଥୀ ଆଜି ପ୍ରଥମ ଦିନରେ ମନୋନୟନ ପତ୍ର ଦାଖଲ କରିଛନ୍ତି । କେନ୍ଦ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ଓ ଜି.କିଷନ ରେଡ୍ଡୀ ଇ.ରାଜେନ୍ଦ୍ରଙ୍କ ପ୍ରାର୍ଥୀପତ୍ର ଦାଖଲ ପୂର୍ବରୁ ଏକ ରାଲି କରିଥିଲେ । ଇ.ରାଜେନ୍ଦ୍ର ମଲକାଜଗିରି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ରଘୁନନ୍ଦନ ରାଓ ମେଡକ୍ ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଅନ୍ୟଦଳଗୁଡ଼ିକର ପ୍ରାର୍ଥୀ ଓ ନିର୍ଦ୍ଦଳୀୟ ପ୍ରାର୍ଥୀମାନେ ମଧ୍ୟ ସେମାନଙ୍କର ମନୋନୟନ ପତ୍ର ଦାଖଲ କରିଛନ୍ତି ।

## ଏଫ୍.ଏସ୍.ଏସ୍.ଏ.ଆଇ. ନେସ୍‌ଲେ

ଖାଦ୍ୟ ସୁରକ୍ଷା ଓ ମାନକ କର୍ତ୍ତୃପକ୍ଷ ନେସ୍‌ଲେ ଶିଶୁମାନଙ୍କ ଦୁଧରେ ଚିନି ମିଶାଉଥିବାର ଅଭିଯୋଗକୁ ପରୀକ୍ଷାନୀରିକ୍ଷା କରୁଛି । ଖବର ଅନୁସାରେ, ପରୀକ୍ଷାର ଫଳାଫଳ ଏକ ସାଇଣ୍ଟିଫିକ୍ ପ୍ୟାନେଲ ସମ୍ମୁଖରେ ଉପସ୍ଥାପନ କରାଯିବ । ସୁଇଜରଲାଣ୍ଡର ଏକ ତଦନ୍ତକାରୀ ସଂସ୍ଥାର ରିପୋର୍ଟ ଉପରେ ଏହି ପରୀକ୍ଷା କରାଯାଉଛି । ୨ ବର୍ଷ ବୟସ ମଧ୍ୟରେ ଶିଶୁମାନଙ୍କ ପାଇଁ

ଆସୁଥିବା ଦୁଧରେ ନେସ୍‌ଲେ କମ୍ପାନୀ ଚିନି ମିଶାଉଥିବା ବିଷୟରେ ସେହି ରିପୋର୍ଟରେ ଉଲ୍ଲେଖ ଥିଲା। ରିପୋର୍ଟ ଅନୁସାରେ, ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ଦେଶଗୁଡ଼ିକୁ ଯୋଗାଉଥିବା ଦୁଧରେ ସେହି ଚିନି ମିଶାଯାଉଥିବାର ଜଣାପଡିଛି। କିନ୍ତୁ ଧନୀ ଦେଶଗୁଡ଼ିକୁ ଦିଆଯାଉଥିବା ଦୁଧରେ ଚିନି ମିଶାଯାଉନାହିଁ।

## ଭିପି ରାଜ୍ୟସଭା

ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ ନବନିର୍ବାଚିତ ରାଜ୍ୟସଭା ସଦସ୍ୟମାନଙ୍କୁ ଶପଥପାଠ କରାଇଛନ୍ତି। ଆଜି ଶପଥ ନେଇଥିବା ସଦସ୍ୟମାନଙ୍କ ମଧ୍ୟରେ ଭୀମ୍ ସିଂ, ପାରମର ଯଶୋବନ୍ତ ସିଂ ସଲାମ ସିଂ, ସଙ୍ଗୀତା, ନବୀନ ଜଏନ୍ ଓ ସୁଧାଂଶୁ ତ୍ରିବେଦୀ ଅଛନ୍ତି।

## ଇଡି-ରାଜ କୁନ୍ଦ୍ରା

ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ବ୍ୟବାସୀୟ ରାଜ କୁନ୍ଦ୍ରାଙ୍କର ୯୮ କୋଟି ଟଙ୍କା ମୂଲ୍ୟର ସମ୍ପତ୍ତିକୁ ଅଚଳ କରିଛି । ଅଚଳ ହୋଇଥିବା ସମ୍ପତ୍ତିଗୁଡ଼ିକ ମଧ୍ୟରେ ଗୋଟିଏ ଆବାସିକ ଅଟ୍ଟାଳିକା, ବଙ୍ଗଳା ଓ ଅଂଶଧନ ପ୍ରଭୃତି ରହିଛି । ଆବାସିକ ଅଟ୍ଟଳିକାଟି ତାଙ୍କର ପତ୍ନୀ ଅଭିନେତ୍ରୀ ଶିଳ୍ପା ସେଟ୍ଟୀଙ୍କ ନାମରେ ରହିଛି । ବଙ୍ଗଳା ଓ ଅଂଶଧନଗୁଡ଼ିକ ଶ୍ରୀ କୁନ୍ଦ୍ରାଙ୍କ ନାମରେ ରହିଛି । କଳାଧନ ନିବାରଣ ଆଇନ୍ ଅନୁସାରେ ସେହିସବୁ ସମ୍ପତ୍ତିକୁ ଅଚଳ କରାଯାଇଛି । ମହାରାଷ୍ଟ୍ର ପୋଲିସ ଓ ଦିଲ୍ଲୀ ପୋଲିସ

ଦ୍ୱାରା ଦାଖଲ ହୋଇଥିବା ଏଫ୍.ଆଇ.ଆର୍‌କୁ ଭିତ୍ତିକରି ଏନ୍‌ଫୋର୍ସମେଣ୍ଟ ଡାଇରେକ୍ଟୋରେଟ୍ ତଦନ୍ତ ଆରମ୍ଭ କରିଥିଲା । ରାଜ କୁନ୍ଦ୍ରା ସର୍ବସାଧାରଣଙ୍କଠାରୁ ୬ହଜାର ୬୦୦ କୋଟି ଟଙ୍କା ଆଦାୟ କରି ସେମାନଙ୍କୁ ୧୦ଗୁଣା ଅଧିକ ଟଙ୍କା ଦେବାର ପ୍ରତିଶ୍ରୁତି ଦେଇଥିଲେ । ସେ ବିଟ୍ କଏନ ମାଧ୍ୟରେ ସେହି ଅର୍ଥ ଆଦାୟ କରିଥିଲେ ।

## ଆଇଏମ୍‌ଡି ହିଟ୍‌ୱେଭ

ଭାରତୀୟ ପାଣିପାଗ ବିଭାଗ ଓଡ଼ିଶା, ତାମିଲନାଡୁ, ଉପକୂଳ ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗରେ ପରବର୍ତ୍ତୀ ୩ ଦିନ ପର୍ଯ୍ୟନ୍ତ ଭୀଷଣ ଗ୍ରୀଷ୍ମପ୍ରବାହ ହେବାର ଅନୁମାନ କରିଛି । ଏହି ସମୟରେ ତାପମାତ୍ରା ୪୦ଡିଗ୍ରୀରୁ ଅଧିକ ରହିବାର ଅନୁମାନ କରାଯାଉଛି । ଝାଡ଼ଖଣ୍ଡ, ଉତ୍ତର କୋଙ୍କଣ, ସ୍ୱରାଷ୍ଟ୍ର, ମଧ୍ୟ ମହାରାଷ୍ଟ୍ର, ତେଲଙ୍ଗାନା, ତାମିଲନାଡୁ ଓ ପୁଡୁଚେରୀରେ ମଧ୍ୟ ଗ୍ରୀଷ୍ମପ୍ରବାହ ହେବାର ସମ୍ଭାବନା ଅଛି । ଆକାଶବାଣୀ ସହ ଏକ ସାକ୍ଷାତ୍‌କାରରେ ଭାରତୀୟ ପାଣିପାଗ ବିଭାଗର ବରିଷ୍ଠ ବୈଜ୍ଞାନିକ ଆର୍.କେ. ଜେନାମଣି ଲୋକମାନଙ୍କୁ ସତର୍କ ରହିବା ଓ ଅଧିକ ପାନୀୟ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଉତ୍ତର ଭାରତରେ ଗ୍ରୀଷ୍ମ ପ୍ରବାହ ହେବାର ସମ୍ଭାବନା ନାହିଁ ଓ ଦିଲ୍ଲୀ, ରାଜସ୍ଥାନ, ପଞ୍ଜାବ ଓ ହରିୟାଣାରେ ଅଳ୍ପ ବର୍ଷା ହୋଇପାରେ । କିନ୍ତୁ ହିମାଚଳପ୍ରଦେଶରେ ଭୀଷଣ ବର୍ଷା ହେବାର ସମ୍ଭାବନା ଅଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍‌ରେ ଆଜି ପଞ୍ଜାବ କିଙ୍ଗ୍‌ସ୍ ମୁମ୍ବାଇ ଇଣ୍ଡିଆନ୍ସକୁ ଭେଟିବ। ଏହି ମ୍ୟାଚ୍ ଚଣ୍ଡିଗଡ଼ଠାରେ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଆରମ୍ଭ ହେବ। ଗତକାଲି  ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ ଗୁଜୁରାଟ୍ ଟାଇଟାନ୍‌ସ୍‌କୁ ୬ ଓ୍ୱିକେଟ୍‌ରେ ପରାସ୍ତ କରିଥିଲା।